# ନବଜାତ ଶିଶୁଙ୍କଠାରେ ବିପଦ ଲକ୍ଷଣ

## ବିପଦ ଲକ୍ଷଣ

- ନବଜାତ ଶିଶୁମାନେ କେବେକେବେ ପ୍ରାଣଘାତୀ ସମସ୍ୟାରେ ପଡିଯାଆନ୍ତି ।
- ପରିବାର ସଦସ୍ୟମାନେ ଏହି ସବୁ ଲକ୍ଷଣ ଓ ସଙ୍କେତ ଗୁଡିକୁ ଚିହ୍ନଟ କରି ତୁରନ୍ତ ଡାକ୍ତରଖାନାକୁ ନେଇଯିବା ଉଚିତ୍ । ଏହି ସବୁ ଲକ୍ଷଣ ବା ସଙ୍କେତ ଗୁଡିକ ହେଉଛି:
    - ଶିଶୁ ମା'ର ସ୍ତନକୁ ଚୁଚୁମି ପାରୁ ନାହିଁ ବା ବହୁତ ଦୁର୍ବଳ ଭାବରେ ଶୋଷୁଛି ।
    - ଶିଶୁ କାନ୍ଦୁନାହିଁ ଓ/ଅଥବା ତାକୁ ନିଶ୍ୱାସ ନେବାରେ କଷ୍ଟ ହେଉଛି ।
    - ଶିଶୁକୁ ଛୁଇଁଲେ ଅତ୍ୟଧିକ ଗରମ ବା ଅତ୍ୟଧିକ ଥଣ୍ଡା ଲାଗୁଛି ।
    - ଶିଶୁର ପାପୁଲି ଓ ତଳିପା ହଳଦିଆ ଦେଖାଯାଉଛି ।
    - ଶିଶୁଠାରେ ଅସ୍ୱାଭାବିକ ଚଳନ ଦେଖିବାକୁ ମିଳୁଛି ।
    - ଶିଶୁ ବହୁମାତ୍ରାରେ ଘୁମୋଉଛି, ବିନା ଖିଆପିଆରେ ବହୁତ ସମୟ ପର୍ଯ୍ୟନ୍ତ ଶୋଇରହୁଛି ବା କ୍ରମାଗତ ଭାବରେ କାନ୍ଦିଚାଲୁଛି ।
    - ଶିଶୁର ଶରୀରରେ ବଥପରି ଘା' ବାହାରୁଛି, ତାର ଲାହି ନାଲି ପଡିଛି ବା ଲାହି ପାଖରୁ ରକ୍ତ/ପୁଜ ଆଦି ବାହାରୁଛି ।




ରୁଟିନ୍ ଚେକ୍ ଅପ୍ ଏବଂ ଜରୁରୀକାଳୀନ ପରିସ୍ଥିତିରେ ଆପଣଙ୍କ ଗାଁ ଓ ତା ନିକଟରେ ଉପଲବ୍ଧ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସଂସ୍ଥା ।

### ଆପଣଙ୍କ ଶିଶୁ ପାଇଁ ଦରକାର ବେଳେ କାହାକୁ ସମ୍ପର୍କ କରିବେ

- ଆପଣଙ୍କ ନିକଟରେ ଥିବା କୌଣସି ସ୍ୱାସ୍ଥ୍ୟ କେନ୍ଦ୍ର ବା ଉପକେନ୍ଦ୍ରକୁ ପୂର୍ବରୁ ହିଁ ଚିହ୍ନଟ କରି ରଖି ନିଅନ୍ତୁ ।
- ଯେତେବେଳେ ଆପଣଙ୍କର ଶିଶୁ ବେମାର ହୋଇପଡିବ, ସେତେବେଳେ ଆପଣଙ୍କୁ ଡାକ୍ତରଖାନା ଯିବା ଅଥବା କୌଣସି ସ୍ୱାସ୍ଥ୍ୟକର୍ମୀଙ୍କ ସହ ସମ୍ପର୍କ ସ୍ଥାପନ କରିବା ନିହାତି ଦରକାର ।
- ଗ୍ରାମାଞ୍ଚଳରେ ଆବଶ୍ୟକ ସ୍ଥଳେ ଆପଣମାନଙ୍କୁ ସାହାଯ୍ୟ କରିବା ପାଇଁ ମାନ୍ୟତା ପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କାର୍ଯ୍ୟକର୍ତ୍ତା/ଅଙ୍ଗନବାଡି କର୍ମୀ ମାନେ ରହିଛନ୍ତି ।
- ମାନ୍ୟତା ପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କାର୍ଯ୍ୟକର୍ତ୍ତା/ଅଙ୍ଗନବାଡି କର୍ମୀ ମାନେ ଆପଣଙ୍କୁ ସ୍ତନପାନ କରାଇବା, ଶିଶୁର ଯତ୍ନ ନେବା ଏବଂ ଶିଶୁ ବେମାର ବେଳେ ତାର ଓ ଆପଣଙ୍କର ଯତ୍ନ ସମ୍ବନ୍ଧୀୟ ପରାମର୍ଶ ଦେବା ପାଇଁ ଅଛନ୍ତି ।
- ଗ୍ରାମ ସ୍ତରରେ ବହୁତ ଗୁଡିଏ ସ୍ୱାସ୍ଥ୍ୟ ସେବା, ଶିଶୁମାନଙ୍କ ପାଇଁ ମାଗଣାରେ ଉପଲବ୍ଧ ରହିଛି, ଯେମିତିକି ଟିକା କରଣ, ଅଭିବୃଦ୍ଧିର ସମୀକ୍ଷା ଏବଂ ପୁଷ୍ଟିକର ଆହାର ସମର୍ଥନ ସେବା ଇତ୍ୟାଦି ।

## ସଂକ୍ରମଣ ନିରାକରଣ ପାଇଁ ଅନୁସରଣ ଯୋଗ୍ୟ ସାଧାରଣ ପରିଷ୍କାର ପରିଛନ୍ନତା



- କେତେକ ସାଧାରଣ ସ୍ୱଚ୍ଛତା ପଦ୍ଧତି ଅନୁସରଣ କରିବା ଦ୍ୱାରା କେତେକ ସାଂଘାତିକ ସଂକ୍ରମଣ ଓ ରୋଗରୁ ଶିଶୁକୁ ରକ୍ଷା କରାଯାଇପାରେ । ପରିଷ୍କାର ହାତ, ପରିଷ୍କାର ବେଡ୍, ସ୍ୱଚ୍ଛ ବଖରା, ପରିଷ୍କାର ବାୟୁ ଚଳାଚଳ, ଶୌଚାଳୟ, ସ୍ୱଚ୍ଛ ପରିବେଶ ଇତ୍ୟାଦି ଦ୍ୱାରା ଶିଶୁ ଓ ତାର ମା'କୁ ବହୁତ ପ୍ରକାରର ସଂକ୍ରମଣରୁ ରକ୍ଷା କରାଯାଇପାରେ ।
- ସାବୁନରେ ହାତ ଧୋଇବା ପରି ଏକ ସରଳ କାମ ଯୋଗୁଁ ତରଳ ଝାଡା ପରି ସଂକ୍ରମଣରୁ ରକ୍ଷା ମିଳିପାରେ ।



- ସ୍ତନପାନ କରାଇବା, ରୋଷେଇ କରିବା, ଖାଇବା, ଶିଶୁର ଝାଡା ପରିସ୍ରା ସଫାକରିବା ବା ପିଲାର କନା ବଦଳାଇବା, ନିଜେ ଶୌଚାଳୟରୁ ଆସିବା ପରେ ଓ ପୂର୍ବରୁ ନିଷ୍ଚୟ ନିଜର ହାତ ଭଲକରି ଧୁଅନ୍ତୁ ଏବଂ ଯେତେବେଳେ ଆପଣଙ୍କୁ ଜରୁରୀ ଲାଗୁଛି ସେତେବେଳେ ଏହିପରି କରନ୍ତୁ ।
- ଶିଶୁର ରୁମ୍‌କୁ ପରିଷ୍କାର ରଖନ୍ତୁ । ପରିଷ୍କାର ପୋଷାକ, ଲୁଗାପଟା, କମଳ ଚାଦର ଇତ୍ୟାଦି ନିଜପାଇଁ ଓ ଶିଶୁପାଇଁ ନିଷ୍ଚୟ ବ୍ୟବହାର କରନ୍ତୁ ।
- ନିଜର ନଖକୁ ନିୟମିତ ଭାବରେ ପରିଷ୍କାର ଓ ଛୋଟ କରି ରଖନ୍ତୁ ।
- ପରିବାର ର ସମସ୍ତ ସଦସ୍ୟ ସ୍ୱଚ୍ଛତା ଅନୁସରଣ କରିବା ଉଚିତ୍ ।

ଜନ୍ମ ସମୟରେ କମ୍ ଓଜନ ହୋଇଥିବା ଶିଶୁମାନେ, ଅତ୍ୟଧିକ ବେମାର ପଡିବାର ଆଶଙ୍କା ଘେରରେ ରୁହନ୍ତି ଏବଂ ଯଦି ଉପଯୁକ୍ତ ଯତ୍ନ ନିଆନଯାଏ, ପରବର୍ତ୍ତୀ ପର୍ଯ୍ୟାୟରେ ସେମାନେ ଦୁର୍ବଳ ହିଁ ରହିଯାଆନ୍ତି । ସେମାନେ ସ୍ତନକୁ ଶୋଷି ଖାଇବାରେ ମଧ୍ୟ ସମସ୍ୟା ହୋଇପାରେ, ସେହିପରିସ୍ଥିତିରେ ସ୍ତନରୁ ନିଜ ହାତରେ କ୍ଷୀର ବାହାର କରି, ଚାମଚ୍ ରେ ପିଇବାକୁ ଦିଆଯାଇପାରେ ।

### ଅଙ୍ଗନବାଡି କର୍ମୀ ଏକଥା ସୁନିଶ୍ଚିତ କରାନ୍ତି

- ଯଦି କୌଣସି ପ୍ରକାର ବିପଦ ସଙ୍କେତ ଦେଖିବାକୁ ମିଳୁଛି, ତେବେ ଶିଶୁକୁ ତୁରନ୍ତ ଡାକ୍ତରଖାନା ନିଆଯାଉଛି ।
- ଶିଶୁକୁ ଡାକ୍ତରଖାନା ନେବା ସମୟରେ ତାକୁ ଭଲକରି ଘୋଡେଇ ରଖାଯାଇଛି, ଉଷ୍ମତା ବଜାୟ ରଖାଯାଇଛି ଏବଂ ଯିବା ସମୟରେ ମଧ୍ୟ ସ୍ତନପାନ କରାଯାଉଛି ।
- ବେମାର ଥିବା ଏବଂ ସଂକ୍ରମଣଜନିତ ରୋଗରେ ଆକ୍ରାନ୍ତ ଥିବା ଲୋକଙ୍କ ଠାରୁ ପିଲାକୁ ଦୂରରେ ରଖାଯାଉଛି ।
- ଯେ ପରିବାରର ସଦସ୍ୟମାନେ ନିକଟତମ ଉପକେନ୍ଦ୍ର ଓ ଡାକ୍ତରଖାନା ବିଷୟରେ ଭଲ ଭାବରେ ଜାଣିଛନ୍ତି ।
- ଯେ ପରିବାର ସଦସ୍ୟମାନେ ତାଙ୍କର ନବଜାତ ଶିଶୁ ଓ ମା' ପାଇଁ ଉପଲ ବିଭିନ୍ନ ପ୍ରକାର ସରକାରୀ ସେବା ଓ ଯୋଜନା ଗୁଡିକ ବିଷୟରେ ଜାଣିଛନ୍ତି ।